# NATIONAL NEWS BULLETIN (ODIA)

## 28 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକ ଏବଂ ଗୋଆ ଗସ୍ତରେ ଯାଇ ଆଜି ବ୍ରୋଞ୍ଜ ନିର୍ମିତ ଶ୍ରୀରାମଙ୍କ ଭବ୍ୟ ମୂର୍ତ୍ତି ଉନ୍ମୋଚନ କରିବେ ପ୍ରଧାନମନ୍ତ୍ରୀ ।

- ଲକ୍ଷ୍ନୌରେ ବ୍ରହ୍ମାକୁମାରୀ ଓ ଭାରତ ସ୍କାଉଟସ୍ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ।

- ନିର୍ଦ୍ଧାରିତ ସମୟରେ ପରୀକ୍ଷା ପରିଚାଳନା ଓ ପ୍ରମାଣପତ୍ର ପ୍ରଦାନ ନେଇ ଦେଶର ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦେଲେ ୟୁ.ଜି.ସି. ।

- ହଂକଂ ବହୁତଳ ପ୍ରାସାଦ ଗୁଡ଼ିକରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୯୪କୁ ବୃଦ୍ଧି ।

ଏବଂ

- ୧୭ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଲେବାନନ୍ ମଧ୍ୟରେ ମ୍ୟାଚ୍ ।

# ପିଏମ୍-ଗୋଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କର୍ଣ୍ଣାଟକ ଏବଂ ଗୋଆ ଗସ୍ତରେ ଯିବେ । ଶ୍ରୀ ମୋଦୀ କର୍ଣ୍ଣାଟକର ଉଡୁପିଠାରେ ଶ୍ରୀ କୃଷ୍ଣ ମଠ ପରିଦର୍ଶନ କରି ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମରେ ସାମିଲ ହେବେ । ସେ କୃଷ୍ଣ ଗର୍ଭଗୃହ ସମ୍ମୁଖରେ ଥିବା ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ କରିବେ ଏବଂ ପବିତ୍ର କନକନା କିନ୍ଦୀ ପାଇଁ କନକ କବଚ ସମର୍ପଣ କରିବେ ।

ପରେ ପ୍ରଧାନମନ୍ତ୍ରୀ ମୋଦୀ ସାରଦା ପଞ୍ଚାଷ୍ଟମ ଉତ୍ସବ ଅବସରରେ ଗୋଆରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ପର୍ତଗଲୀ ଜୀବୋତ୍ତମ ମଠର ୫୫୦ ବର୍ଷ ପୂର୍ତ୍ତି ସମାରୋହରେ ଭାଗ ନେବେ । କୁଶବତୀ ନଦୀ କୂଳରେ ପର୍ତଗଳୀରେ ଏହି ମଠର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଏବଂ ସେଠାରେ ଆଜିଠାରୁ ୧୧ ଦିନିଆ ମହୋତ୍ସବର ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ ସେହି ମଠରେ ବ୍ରୋଞ୍ଜ ନିର୍ମିତ ଶ୍ରୀରାମଙ୍କ ୭୭ ଫୁଟ ଉଚ୍ଚର ଭବ୍ୟ ମୂର୍ତ୍ତି ଉନ୍ମୋଚନ କରିବେ ଏବଂ ୧୦ ହଜାର ବର୍ଗ ପରିମିତ ଅଞ୍ଚଳରେ ନିର୍ମିତ ରାମାୟଣ ଥିମ୍ ପାର୍କ ଗାର୍ଡେନ୍‌ର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ସମ୍ବୋଧନ କରିବା ସହ ବିଶେଷ ଡାକ ଟିକଟ ଏବଂ ସ୍ମାରକ ମୁଦ୍ରାର ଉନ୍ମୋଚନ କରିବେ ।

## ପ୍ରେସିଡେଣ୍ଟ-ଲକ୍ଷ୍ନୌ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଲକ୍ଷ୍ନୌ ଗସ୍ତ କରି ଦୁଇଟି କାର୍ଯ୍ୟକ୍ରମରେ ଭାଗ ନେବେ । ୨୦୨୫-୨୬ ବର୍ଷ ପାଇଁ ବ୍ରହ୍ମା କୁମାରୀଙ୍କ ଦ୍ୱାରା ଆୟୋଜିତ ବାର୍ଷିକ କାର୍ଯ୍ୟକ୍ରମ ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ ଶୀର୍ଷକ କାର୍ଯ୍ୟକ୍ରମର ରାଷ୍ଟ୍ରପତି ଶୁଭାରମ୍ଭ କରିବେ । ରାଷ୍ଟ୍ରପତି ମୁର୍ମୁ ଆଜି ମଧ୍ୟ ଭାରତ ସ୍କାଉଟ୍ସ୍ ଏବଂ ଗାଇଡସ୍‌ର ହୀରକ ଜୟନ୍ତୀ ପାଳନ ଅବସରରେ ୧୯ତମ ଜାତୀୟ ଜାମ୍ବୋରୀ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହକୁ ସମ୍ବୋଧନ କରିବେ ।

ବ୍ରହ୍ମା କୁମାରୀଙ୍କ ଅତିରିକ୍ତ ସାଧାରଣ ସଚିବ ଡକ୍ଟର ମୃତ୍ୟୁଞ୍ଜୟ ସୂଚନା ଦେଇଛନ୍ତି, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶିକ୍ଷଣ କେନ୍ଦ୍ରରେ ଧ୍ୟାନ କରିବା ସହ ୫ ଜଣ ପୁରୁଷ ଏବଂ ୫ ଜଣ ମହିଳାଙ୍କୁ ପତାକା ଏବଂ କଳସ ପ୍ରଦାନ କରିବେ । ପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଅପରାହ୍ଣରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୬୧ ବର୍ଷ ବ୍ୟବଧାନରେ ଲକ୍ଷ୍ନୌରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୩୩ ହଜାର ସ୍କାଉଟ୍, ଗାଇଡ୍, ରୋଭର୍ ଏବଂ ରେଞ୍ଜରମାନେ ଯୋଗଦେବେ । କାର୍ଯ୍ୟକ୍ରମରେ ମାଳଦ୍ୱୀପ, ନେପାଳ, ଶ୍ରୀଲଙ୍କା ଏବଂ ସାଉଦି ଆରବରୁ ୧୫୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ ବୋଲି ଜଣାପଡ଼ିଛି ।

## ପିଏମ୍-ଛତିଶଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇ ଦିନିଆ ଛତିଶଗଡ଼ ଗସ୍ତରେ ଯିବେ । ସେଠାରେ ଶ୍ରୀ ମୋଦୀ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୬୦ତମ ସମ୍ମିଳନୀରେ ଯୋଗଦେବେ । ରାୟପୁରରେ

ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୩ ଦିନିଆ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି । ସେଠାରେ ପ୍ରଧାନମନ୍ତ୍ରୀ ଉଲ୍ଲେଖନୀୟ ସେବା ପାଇଁ କେତେଜଣ ପୋଲିସ୍ କର୍ମୀଙ୍କୁ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଦାନ କରିବେ । ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମର ରହିଛି ।

## ୟୁଜିସି-ଟାଇମ୍‌ଲୀ ଏକ୍ସାମ୍

ଦେଶରେ ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇବା ଏବଂ ପ୍ରମାଣପତ୍ର ପ୍ରଦାନ କରିବା ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁ.ଜି.ସି. ନିର୍ଦ୍ଦେଶ ଦେଇଛି । ଆୟୋଗ ପକ୍ଷରୁ କୁହାଯାଇଛି, ସଠିକ୍ ସମୟରେ ପରୀକ୍ଷା ନ କରିବା ଏବଂ ପ୍ରମାଣପତ୍ର ନ ଦେବା ଯୋଗୁଁ ଅନେକ ଛାତ୍ରଛାତ୍ରୀ କର୍ମ ନିୟୋଜନା ହରାଉଛନ୍ତି । ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକ ଶିକ୍ଷା କ୍ୟାଲେଣ୍ଡରରେ ନିର୍ଦ୍ଧାରିତ ସମୟକୁ ଗୁରୁତର ସହ ଗ୍ରହଣ କରିବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା, ଫଳ ପ୍ରକାଶନ ଓ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟ ଶେଷ କରିବାକୁ ୟୁ.ଜି.ସି. କହିଛି । ପରୀକ୍ଷାଫଳ ପ୍ରକାଶନର ୧୮୦ ଦିନ ମଧ୍ୟରେ ସାର୍ଟିଫିକେଟ୍ ପ୍ରଦାନ କରିବା ଉପରେ ଆୟୋଗ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏ କ୍ଷେତ୍ରରେ କୌଣସି ବିଶୃଙ୍ଖଳା ସୃଷ୍ଟି ହେଲେ ଆୟୋଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ସିବିଡିଟି-ନୋଟିସ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ – ସି.ବି.ଡି.ଟି. ପକ୍ଷରୁ ଆଜିଠାରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୫ ହଜାର କରଦାତାଙ୍କୁ ସ୍ୱତନ୍ତ୍ର ବାର୍ତ୍ତା ଏବଂ ଇ-ମେଲ୍ ଜରିଆରେ ସତର୍କ ସୂଚନା ପ୍ରଦାନ କରିବ । ମିଳିଥିବା ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରିଟର୍ଣ୍ଣ ଦାଖଲ କରିଥିବା ଅନେକ ମତଦାତା ସେମାନଙ୍କ ବିଦେଶାଗତ ସମ୍ପତ୍ତି ଓ ଆୟ ସମ୍ପର୍କରେ ତଥ୍ୟ ଦେଇ ନ ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନଙ୍କୁ ଦଣ୍ଡ ବିଧାନରୁ ସୁରକ୍ଷା ଦେବା ଲାଗି ପ୍ରଥମ ପର୍ଯ୍ୟାୟରେ ମୋବାଇଲ୍ ମେସେଜ୍ ଏବଂ ଇ-ମେଲ୍ ମାଧ୍ୟମରେ ସୂଚନା ଜାରି କରାଯିବ ବୋଲି କୁହାଯାଇଛି । ଆସନ୍ତା ଡିସେମ୍ବର ୩୧ ମଧ୍ୟରେ ସମ୍ପୃକ୍ତ କରଦାତାମାନେ ସ୍ୱୟଂ ତଥ୍ୟ ପ୍ରଦାନ କରି ସୁରକ୍ଷା ପାଇପାରିବେ । ସମସ୍ତ ଯୋଗ୍ୟ କରଦାତାଙ୍କୁ ଏହି ସୁଯୋଗର ଉପଯୋଗ କରିବାକୁ ସି.ବି.ଡି.ଟି. ପକ୍ଷରୁ ଅନୁରୋଧ କରାଯାଇଛି ।

## ହଂକଂ ଫାୟାର୍

ହଂକଂର ବହୁତଳ ପ୍ରାସାଦ ଗୁଡ଼ିକରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୯୪କୁ ବୃଦ୍ଧି ପାଇଛି । ଏ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ୨୮୦ରୁ ଅଧିକ ଲୋକ ନିଖୋଜ ଥିବା ସେଠାକାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ୭୬ ଜଣ ଆହତଙ୍କ ମଧ୍ୟରେ ୧୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବା ବେଳେ ୨୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେଠାକାର

ସରକାରୀ ମୁଖପାତ୍ର କହିଛନ୍ତି, ଅଗ୍ନି ନିର୍ବାପକ ଦଳ ପକ୍ଷରୁ ୭ଟି ଟାୱାର୍‌ର ପ୍ରତ୍ୟେକ ୟୁନିଟ୍‌କୁ ପ୍ରବେଶ କରିବାକୁ ଉଦ୍ୟମ ଚାଲିଛି ।

ତେବେ କେତେକ ଆପାର୍ଟମେଣ୍ଟରୁ ଏବେ ମଧ୍ୟ ଧୂଆଁ ବାହାରୁ ଥିବା କୁହାଯାଇଛି । ଉଦ୍ଧାରକାରୀ ଦଳ ପକ୍ଷରୁ ସମ୍ପୃକ୍ତ ଆପାର୍ଟମେଣ୍ଟ ଗୁଡ଼ିକରେ ସମ୍ପୂର୍ଣ୍ଣ ଅଗ୍ନିନିର୍ବାପନ ନିଶ୍ଚିତ କରିବା ପରେ ଉଦ୍ଧାର କାର୍ଯ୍ୟ ଜୋର୍‌ଦାର କରାଯିବ ବୋଲି କୁହାଯାଇଛି । ପ୍ରାଥମିକ ଭାବେ ୪ଟି କୋଠାରୁ ସମ୍ପୂର୍ଣ୍ଣ ନିଆଁ ଲିଭା ଯାଇଥିବା ସୂଚନା ମିଳିଛି । ୯୦୦ ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଥିବା ସେଠାକାର ପ୍ରଶାସନ କହିଛନ୍ତି ।

## ପାକିସ୍ତାନ-ଭାୟୋଲେନ୍ସ

ପାକିସ୍ତାନରେ ଶିଶୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଉଥିବା ଏକ ସଂଖ୍ୟାଲଘୁ ଅଧିକାର ଗୋଷ୍ଠୀ କହିଛି । ଭଏସ୍ ଅଫ୍ ପାକିସ୍ତାନ ମାଇନୋରିଟି ସଂସ୍ଥା ଅନୁଯାୟୀ ଚଳିତ ବର୍ଷ ପ୍ରଥମ ୬ ମାସରେ ଶିଶୁମାନଙ୍କ ବିରୋଧରେ ୫ ହଜାର ୯୭ଟି ହିଂସା ଜନିତ ଘଟଣା ଘଟିଥିବା ଉପସ୍ଥାପନ କରାଯାଇଛି । ସଂଗଠନ କହିଛି, ପାକିସ୍ତାନର ପଞ୍ଜାବ, ସିନ୍ଧ, ବେଲୁଚିସ୍ତାନ ଏବଂ ଇସଲାମାବାଦର ପୋଲିସ୍ ବିଭାଗରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି । ସୂଚନା ଅନୁଯାୟୀ ପଞ୍ଜାବ ପ୍ରଦେଶରେ ସର୍ବାଧିକ ଶିଶୁ ସମ୍ପର୍କିତ ଅପରାଧ ରେକର୍ଡ଼ ହୋଇଥିବାବେଳେ ସିନ୍ଧରେ ଶିଶୁ ଯୌନ ନିର୍ଯାତନା ଏବଂ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ ରହିଛି ।

## ଜିଏସ୍‌ଟି ରିଫର୍ମ୍-ଷ୍ଟେସନାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗତ ସେପ୍ଟେମ୍ବର ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଆରମ୍ଭ କରିବା ପରେ ବିଭିନ୍ନ କ୍ଷେତ୍ରରେ ଦେଶର ନାଗରିକମାନେ ଲାଭାନ୍ୱିତ ହେଉଛନ୍ତି । ସାମଗ୍ରୀ ଓ ସେବାକର – ଜି.ଏସ୍.ଟି. ହ୍ରାସ ପାଇବା ପରେ ଷ୍ଟେସନାରୀ ଦ୍ରବ୍ୟଗୁଡ଼ିକର ମୂଲ୍ୟ ହ୍ରାସ ପାଇଛି । ଯାହା ଫଳରେ ଉଭୟ କ୍ରୟ ଏବଂ ବିକ୍ରୟ ବୃଦ୍ଧି ପାଇଛି ।

ପରିବର୍ତ୍ତିତ ଜି.ଏସ୍.ଟି. ସଂରଚନା ଅନୁଯାୟୀ ପେନ୍‌ସିଲ୍, ସାର୍ପେନର୍, କ୍ରେୟନ୍, ଅଭ୍ୟାସ ପୁସ୍ତିକା, ଗ୍ରାଫ୍ ବହି ଏବଂ ଚାର୍ଟ୍ ଗୁଡ଼ିକୁ ସମ୍ପୂର୍ଣ୍ଣ କରମୁକ୍ତ କରାଯାଇଛି । ଇରେଜର୍ ଉପରେ ପୂର୍ବରୁ ୫ ପ୍ରତିଶତ ଜି.ଏସ୍.ଟି. ଲାଗୁ ହେଉଥିବା ବେଳେ ଏବେ ଏହାକୁ ସମ୍ପୂର୍ଣ୍ଣ ଜି.ଏସ୍.ଟି. ମୁକ୍ତ କରାଯାଇଛି । ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶରେ ବ୍ୟବସାୟ କ୍ଷେତ୍ରକୁ ଗତି ପ୍ରଦାନ କରିଛି । ବିଶେଷ ଭାବେ ଏମ୍.ଏସ୍.ଏମ୍.ଇ. ଏବଂ ମଧ୍ୟମ ଓ ନିମ୍ନବର୍ଗର ଉତ୍ପାଦନକାରୀମାନେ ଷ୍ଟେସନାରୀ ଦ୍ରବ୍ୟ ନିର୍ମାଣ କରୁଥିବାରୁ ଜି.ଏସ୍.ଟି. ସଂସ୍କାର ଅଧିକ ସହାୟକ ସାବ୍ୟସ୍ତ ହୋଇଛି ।

## କେରଳ-ଡେମୋନ୍‌ଷ୍ଟ୍ରେସନ୍

କେରଳରେ ତିରୁଅନନ୍ତପୁରମ୍ ନିକଟବର୍ତ୍ତୀ ସଙ୍ଗୁମୁଖମ୍ ସମୁଦ୍ର ତଟରେ ଆସନ୍ତା ମାସ ୩ ତାରିଖରେ ହେବାକୁ ଥିବା ନୌସେନା ଦିବସ କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ରାଷ୍ଟ୍ରପତି

ସେଠାରେ ନୌସେନାର ପରିଚାଳନାଗତ ପ୍ରଦର୍ଶନୀ ନିରୀକ୍ଷଣ କରିବେ । ନୌସେନା ମୁଖ୍ୟ ଆଡମିରାଲ୍ ଦୀନେଶ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ପ୍ରଦର୍ଶନୀରେ ଭାରତୀୟ ନୌସେନାର ସାମର୍ଥ୍ୟ ଓ ଦୃଢ଼ତା ପ୍ରଦର୍ଶନ କରାଯିବ । ଆସନ୍ତାକାଲି ଓ ସୋମବାର ଦିନ ନୌସେନା ପକ୍ଷରୁ ଅଭ୍ୟାସ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି । ସମାରୋହରେ ନୌସେନାର ଯବାନଙ୍କ ସମେତ ବହୁ ଅଧିକାରୀ ଯୋଗଦେବେ ବୋଲି ଜଣାପଡ଼ିଛି ।

## ପିଏମ୍-ବ୍ଲାଇଣ୍ଡ କ୍ରିକେଟ୍

ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ବିଜୟ ହାସଲ କରିଥିବା ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାକ୍ଷାତ କରିଛନ୍ତି । ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେମାନଙ୍କ ଦସ୍ତଖତ ଥିବା ଏକ ବ୍ୟାଟ୍ ପ୍ରଦାନ କରାଯାଇଛି । ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ କଲମ୍ବୋରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ୭ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଥିଲା ।

## ଫୁଟ୍‌ବଲ୍ ଅଣ୍ଡର-୧୭ ଏସିଆକପ୍

ଏ.ଏଫ୍.ସି. ୧୭ ବର୍ଷରୁ କମ୍ ଏସିଆ କପ୍ ସାଉଦି ଆରବ ୨୦୨୬ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍-ଡି'ରେ ଆଜି ଭାରତ ଏବଂ ଲେବାନନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ

ଗୁଜରାଟର ଅହମ୍ମଦାବାଦ ସ୍ଥିତ ଏକା ଆରେନା ଠାରେ ମ୍ୟାଚ୍ ଆରମ୍ଭ ହେବ । ଗ୍ରୁପ୍-ଡି’ ପଏଣ୍ଟ ତାଲିକାରେ ଭାରତ ୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି । ଗ୍ରୁପ୍ ବିଜେତା ଆସନ୍ତା ବର୍ଷ ହେବାକୁ ଥିବା ଏ.ଏଫ୍.ସି. ୧୭ ବର୍ଷରୁ କମ୍ ଏସିଆ କପ୍‌ରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିବେ ।